# DAV PUBLIC SCHOOLS, BHUBANESWAR

## PERIODIC ASSESSMENT -I (2022-23)

- Check that this question paper contains 3 printed pages.
- Check that the question paper contains 7 questions.
- Write down the Serial Number of the question in the left side of the margin before attempting it.
- 15minute time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the script during this period.

## CLASS-VII
## SUB: HIGHER ODIA

**Time Allowed: 1½ Hours** **Maximum Marks : 40**

**General Instructions :**

1. ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
2. ଏହି ପ୍ରଶ୍ନ ପତ୍ରରେ ସମୁଦାୟ ୭ଟି  ମୁଦ୍ରିତ ପ୍ରଶ୍ନ ରହିଛି ।
3. ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।
4. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖ ।
5. ଅକ୍ଷରଗୁଡିକ ସୁନ୍ଦର ଏବଂ ପରିଷ୍କାର ଭାବରେ ଲେଖ ।

(ସମସ୍ତ ପ୍ରଶ୍ନର ଉତ୍ତର ଲେଖିବା ବାଧ୍ୟତାମୂଳକ)

‘କ ‘ ବିଭାଗ –ପଠନ (୫)

Q୧. ନିମ୍ନ ଅନୁଚ୍ଛେଦଟିକୁ ପଢି ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଲେଖ। (୫x୧=୫)

ଛାତ୍ରମାନଙ୍କ ପକ୍ଷରେ ଅଧ୍ୟୟନ ହିଁ ତପସ୍ୟା । ସେହି ତପ ସାଧନାର ପୂଣ୍ୟ ଭୂମି ଦେଉଛି ଛାତ୍ରାବାସ । ଅତୀତରେ ଛାତ୍ରଛାତ୍ରୀମାନେ ଗୁରୁଗୃହରେ ରହି  ବିଦ୍ୟା ଅଧ୍ୟୟନ କରୁଥିଲେ ।  ଏହା ଥିଲା ଗୁରୁକୁଳ ଆଶ୍ରମର ଶିକ୍ଷା ।  ଆଜି ଗୁରୁକୁଳ ଆଶ୍ରମ ନାହିଁ।  ହେଲେ ପ୍ରତି ବିଦ୍ୟାଳୟ ସହିତ ଛାତ୍ରାବାସମାନ  ସଂଯୁକ୍ତ ହୋଇଛି । ପାଠ ପଢା ପାଇଁ ସୁବିଧା ହେବା ନିମିତ୍ତ ପିଲାମାନେ ଛାତ୍ରାବାସରେ ରହନ୍ତି ।   ଛାତ୍ରାବାସରେ ଛାତ୍ର ଜୀବନ ଶୃଙ୍ଖଳିତ, ମାର୍ଜିତ ଓ  ଆଦର୍ଶ ହୋଇଉଠେ । ଏହା ସାମାଜିକତା ଶିକ୍ଷାର ଏକ ପ୍ରକୃଷ୍ଟ କ୍ଷେତ୍ର ।  ଛାତ୍ରାବାସରେ ଜଣେ ତତ୍ତ୍ୱାବଧାରକ ଥାଆନ୍ତି ।  ସେ ପିଲାମାନଙ୍କର ସବୁ କଥା ବୁଝନ୍ତି।  ତାହା ବ୍ୟତୀତ ପ୍ରଧାନ ଶିକ୍ଷକ ମଧ୍ୟ

ଛାତ୍ରାବାସ ଉପରେ ଦୃଷ୍ଟି ରଖିଥାନ୍ତି । ଛାତ୍ରାବାସରେ ଥିବା ଛାତ୍ରମାନଙ୍କୁ ଛାତ୍ରାବାସର ନିୟମ ମାନିବାକୁ ପଡେ। ଠିକ୍ ସମୟରେ ଶଯ୍ୟାତ୍ୟାଗ କରିବା ,ପ୍ରାର୍ଥନା କରିବା, ନିତ୍ୟକର୍ମ କରିବା,ପାଠ ପଢିବା, ଖେଳିବା ଆଦି କାମ ଠିକ୍ ସମୟରେ କରିବା ପାଇଁ ଘଣ୍ଟା ବାଜେ । ଏଠାରେ ଛାତ୍ରମାନଙ୍କ ମଧ୍ୟରୁ ପିଲାବଛାଯାଇ ସାଂସ୍କୃତିକ କ୍ରୀଡା, ତର୍କସଭା, ଆଦିର ଦାୟିତ୍ୱ ଦିଆଯାଇଥାଏ ।ଏଠାରେ ପିଲାମାନଙ୍କର ଶୃଙ୍ଖଳା ,ସଂଯମ, ନିୟମାନୁବର୍ତ୍ତିତା ସାମାଜିକତା ଗୁଣର ବିକାଶ ସାଧନ ହୋଇଥାଏ ।

କ) ଗୁରୁକୁଳ ଆଶ୍ରମ ଶିକ୍ଷା କହିଲେ କ'ଣ ବୁଝାଏ?

ଖ) ଛାତ୍ରମାନଙ୍କ ଜୀବନରେ ତପସ୍ୟା କ'ଣ ?

ଗ) ଛାତ୍ରାବାସରେ ପିଲାମାନଙ୍କୁ କେଉଁ ସବୁ କାମ ଠିକ୍ ସମୟରେ କରିବାକୁ ପଡିଥାଏ ?

ଘ) ପିଲାମାନଙ୍କୁ କାହିଁକି ଛାତ୍ରାବାସରେ ରଖାଯାଏ ?

ଙ) ଛାତ୍ରାବାସରେ ପିଲାମାନଙ୍କର କେଉଁସବୁ ଗୁଣର ବିକାଶ ହୋଇଥାଏ ?

## 'ଖ' ବିଭାଗ –ଲିଖନ (୫)

**Q୨**. ଅନୁଚ୍ଛେଦ ଲେଖ ।

'ବୃକ୍ଷ ରୋପଣ ' (୧x୫=୫)

## 'ଗ'- ବିଭାଗ – ବ୍ୟାକରଣ (୧୦)

**Q୩.** କ) ଶବ୍ଦାର୍ଥ ଲେଖ । (୨X୧=୨)

ଭାସ୍ୱର ,ଅନୁରକ୍ତ

(ଖ) ସମୋଚ୍ଚାରିତ ଶବ୍ଦ ଗୁଡିକ ମଧ୍ୟରେ ଥିବା ପାର୍ଥକ୍ୟ ଲେଖ। (୨X୧=୨)

ବେଶୀ-ବେଶି, ନିଧନ-ନିଧନ

(ଗ) ପ୍ରତିଶବ୍ଦ ଲେଖ । (୨X୧=୨)

ରଜନୀ, ନୟନ

(ଘ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୨X୧=୨)

ଅନୁରାଗ ,ଉଦୟ

(ଙ) ଲିଙ୍ଗ ପରିବର୍ତ୍ତନ କର । (୨X୧=୨)

ନର, ରାଜା

## ‘ଘ’ ବିଭାଗ –ପାଠ୍ୟପୁସ୍ତକ –(୨୦)

**Q୪**. ସରଳାର୍ଥ ଲେଖ । (୧x୫=୫)

ତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁହି ,

ତୋ ଦୁର୍ବଳ ଦେଖି କାହିଁ ପଶିବଇ ମୁହିଁ ।

**Q୫**. ନିମ୍ନ ଲିଖିତ ପ୍ରଶ୍ନଗୁଡିକର ସଂକ୍ଷିପ୍ତ ଉତ୍ତର ଲେଖ । (୩x୨=୬)

କ) ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବାର ତାତ୍ପର୍ଯ୍ୟ କ'ଣ ?

ଖ) ଆମ୍ଭ ଭାସ୍କରଙ୍କୁ ଅନ୍ୟମାନେ କାହିଁକି କ୍ଷୁଦ୍ର ତାରା ବୋଲି କହନ୍ତି ?

ଗ) ସୀତା ଲଙ୍କାଗଡରେ ଥିବାର ଖବର ରାମଚନ୍ଦ୍ର କିପରି ପାଇଲେ ?

**Q୬**. ଠିକ୍ ଉତ୍ତରଟିକୁ ବାଛ । (୪x୧=୪)

(କ) ‘କଳାମାଣିକରେ’ କବିତାଟି କବିଙ୍କର କେଉଁ କାବ୍ୟରୁ ସଂଗ୍ରହ କରାଯାଇଛି ?

(i) ତପସ୍ୱିନୀ (ii)ଛାନ୍ଦମାଳା (iii) ଭାଗବତ (iv) ବିଦଗ୍ଧ ଚିନ୍ତାମଣି

(ଖ) ରାମଚନ୍ଦ୍ର କେଉଁ ଯଜ୍ଞର ଅନୁଷ୍ଠାନ କରିଥିଲେ ?

(i) ଗାୟତ୍ରୀଯଜ୍ଞ (ii) ବିଶ୍ୱଜିତ୍ ଯଜ୍ଞ (iii) ଅଶ୍ୱମେଧ ଯଜ୍ଞ (iv) ରାଜସ୍ୱୀୟ ଯଜ୍ଞ

(ଗ) 'ତାରାସୂର୍ଯ୍ୟ' କବିତାଟି କାହାର କୃତି ?

(i) ଭକ୍ତ ଚରଣ ଦାସ (ii) ଗଙ୍ଗାଧର ମେହେର (iii)ସୁରେନ୍ଦ୍ର ମହାନ୍ତି (iv) ଡ. ମାୟାଧର ମାନସିଂ

(ଘ) ‘ରାମଚନ୍ଦ୍ର’ କାହା ସହିତ ମିତ୍ରତା କରିଥିଲେ ?

(i) ସୁଗ୍ରୀବ (ii) ବାଳି (iii) ଅଙ୍ଗଦ (iv) ମେଘନାଦ

**Q୭**. କୈଶୋର ଅବସ୍ଥାରେ ରମାଦେବୀଙ୍କ ମନରେ କିପରି ସ୍ୱଦେଶ ପ୍ରୀତିର ଭାବ ଉଦ୍ରେକ ହୋଇଥିଲା ?

(୧x୫=୫)